# ବ୍ୟାଙ୍କ ସମୁହର ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ।

## District level advisory Committe meeting of Banks.

## ଝଡ ବାତ୍ୟା ଫନିରେ ପ୍ରଭାବିତଂକୁ ବ୍ୟାଂକ ଋଣ ପ୍ରଦାନ ଉପରେ ଗୁରୁତ୍ୱ ।

ଜିଲ୍ଲାରେ ଥିବା ବିଭିନ୍ନ ବ୍ୟାଙ୍କର କାର୍ଯ୍ୟକାରିତାକୁ ନେଇ ଗତକାଲି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଫନି ବାତ୍ୟା ପ୍ରପିଡିତ ଚାଷୀ ଏବଂ ଶିଳ୍ପଦ୍ୟୋଗୀମାନଂକ ପାଇଁ ନୂତନ ଋଣ ପ୍ରଦାନ ଏବଂ ପୁରାତନ ନିୟମିତ ଋଣର ପୁନଃ ସଜାଡିକରଣ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଝଡ ବାତ୍ୟା ଫନିରେ ପ୍ରଭାବିତ ହୋଇଥିବା ଅନୁଗୋଳ,ଛେଣ୍ଡିପଦା,ବଅଁରପାଳ ଓ କଣିହାଁ ବ୍ଲକ୍‌ର ଚାଷୀ ଏବଂ କ୍ଷୁଦ୍ରଉଦ୍ୟୋଗୀମାନଂକର ଋଣ ପରିଶୋଧ ଅବଧି ବଢାଇବା ଏବଂ ଆବଶ୍ୟକ ସ୍ଥଳେ ନୂତନ ଋଣ ଯୋଗାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଉପସ୍ଥିତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ ବ୍ୟାଂକ ଗୁଡିକ ଋଣ ଦେବାରେ କୁଣ୍ଠାବୋଧ ନ କରିବାକୁ ପରାମର୍ଶ ଦେଇଥିଲେ । ୨୦୧୮-୧୯ ବାର୍ଷିକ ଋଣ ଯୋଜନାରେ ଜିଲ୍ଲା ପାଇଁ ଧାର୍ଯ୍ୟ କରାଯାଇଥିବା ଋଣ ୨୨୪୭.୩୫ କୋଟି ଠାରୁ ଅଧିକ ୧୦୪ ପ୍ରତିଶତ ଯଥା ୨୩୪୬.୧୨ କୋଟି ଋଣ ବିଭିନ୍ନ ବ୍ୟାଂକ ଦ୍ୱାରା ପ୍ରଦାନ କରାଯାଇଛି । ଗରିବ ଓ ନିଃସହାୟ ଲୋକମାନଂକର ଅର୍ଥନୈତିକ ଉନ୍ନତି ପାଇଁ ବ୍ୟାଂକ ଗୁଡିକ କୃଷି,ବ୍ୟବସାୟ ଓ ଶିକ୍ଷା ଋଣ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଅନୁମୋଦିତ ହୋଇଥିବା ସଂଶୋଧିତ ବାର୍ଷିକ ଋଣ ଯୋଜନାରେ କୃଷି,ଶିଳ୍ପ,ଗୃହ,ଶିକ୍ଷା ଏବଂ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ଜିଲ୍ଲାର ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ଋଣ ବଣ୍ଟନ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ଅଗ୍ରଣୀ ବ୍ୟାଂକ ମ୍ୟାନେଜର ଶ୍ରୀ ମହେଶ୍ୱର ଗୌଡ ପ୍ରକାଶ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଡମ୍ପତିରାୟ,ୟୁକୋ ବ୍ୟାଂକର ଆଂଚଳିକ ଉପ ପ୍ରବନ୍ଧକ ଶ୍ରୀ ସଂଜୟ କୁମାର ପାଟିଲ,ରିଜର୍ଭ ବ୍ୟାଂକର ଅଗ୍ରଣୀ ଜିଲ୍ଲା ଅଧିକାରୀ ଶ୍ରୀ ସୁନିଲ କୁମାର ଦାସ, ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳକ ଶ୍ରୀ ଶରତ କୁମାର ବେହେରା, ଭାରତୀୟ ଷ୍ଟେଟ ବ୍ୟାଂକର ଆଂଚଳିକ ପ୍ରବନ୍ଧକ ଶ୍ରୀ ସଂଦିପ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ବ୍ୟାଂକର ଶାଖା ପରିଚାଳକମାନେ ଯୋଗ ଦେଇଥିଲେ ।




Vivo V11
AI Dual Camera
2019.06.20 12:04